ଭାରତୀୟ ଜନତା ପାର୍ଟି, ଓଡିଶା

ଆମ ଗାଁ, ଆମ ବିକାଶ କାଯ୍ୟକ୍ରମକୁ ଦଳୀୟ ଆଧାରରେ କରାଯାଉଛି

# ବିଜେଡି ଗୁଣ୍ଡାଙ୍କ ଆକ୍ରମଣ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ନିୟମ କାନୁନ ଶାସକ ବିଜେଡି ହାତରେ ବନ୍ଧା ପଡିବା ଭଳି ପରିସ୍ଥିତି ସୃଷ୍ଟି କରିଛି : ବିଜେପି

- **ମୁଖ୍ୟମନ୍ତ୍ରୀଙ୍କର ଏପରି ସମ୍ବିଧାନ ବିରୋଧୀ ଓ ଦଳୀୟ ଆଧାରରେ ଶାସନ ବ୍ୟବସ୍ଥା ଚଳାଇବା ପ୍ରତିବାଦରେ ବିଜେପି ରାଜ୍ୟତମାମ ରାଜରାସ୍ତାକୁ ଯିବ**
- **ଦଳ ଆଇନ ଅଦାଲତର ଆଶ୍ରୟ ନେବ**
- **ଦେଶର ସମ୍ବିଧାନ ମୁତାବକ ପଂଚାୟତିରାଜ ବ୍ୟବସ୍ଥାର ମୂଳୋତ୍ପାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ**
- **ସମ୍ବିଧାନରେ ପଲ୍ଲୀସଭା, ଗ୍ରାମସଭା, ଓାର୍ଡମେମ୍ବର, ପଂଚାୟତସମିତି ସଭ୍ୟ, ସରପଂଚ, ବ୍ଲକ ଚେୟାରମ୍ୟାନ, ଜିଲାପରିଷଦ ସଦସ୍ୟ, ଜିଲା ପରିଷଦ ଅଧ୍ୟକ୍ଷ ଏମାନଙ୍କ ସମସ୍ତଙ୍କ ଅଧିକାର ଛଡାଇ ନେଇ ନିଜେ ଦଳୀୟ ଆଧାରରେ ଶାସନ ବ୍ୟବସ୍ଥାକୁ ଚଳାଇବାକୁ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ତା.୩୦/୦୮ :** ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ସ୍ତରର ଜନପ୍ରତିନିଧି ମାନେ ଗଣତାନ୍ତ୍ରିକ ପଦ୍ଧତିରେ ଧାରଣା ଦେବା ଓ ସେମାନଙ୍କ ସହ ଜିଲା ପ୍ରଶାସନର ଆଲୋଚନା ସମୟରେ ଶାସକ ବିଜୁ ଜନତା ଦଳ ଗୁଣ୍ଡାଙ୍କ ଆକ୍ରମଣ ଶାସକ ବିଜେଡିର ଗଣତନ୍ତ୍ର ବିରୋଧୀ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଆମ ଗାଁ, ଆମ ବିକାଶ କାଯ୍ୟକ୍ରମ ବ୍ରହ୍ମଗିରିରେ ଅନୁଷ୍ଠିତ ହେବା ପୂର୍ବରୁ ବିଜେପି ସମର୍ଥୀତ ଓ ନିର୍ବାଚିତ ଜନପ୍ରତିନିଧିମାନେ ସେମାନଙ୍କ ଅଂଚଳରେ ସାଧାରଣ ଲୋକ ଚାହିଁଥିବା ବିଭିନ୍ନ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କରନ୍ତୁ ବୋଲି ଦାବି କରିଥିଲେ । ମାତ୍ର ଦଳୀୟ ଆଧାରରେ ବିଭିନ୍ନ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କଲେ । ଏହାର ପ୍ରତିବାଦରେ ସ୍ଥାନୀୟ ବିଜେପି ସମର୍ଥୀତ ଜନପ୍ରତିନିଧିମାନେ ପ୍ରତିବାଦ ସହ ଧାରଣାରେ ବସିଥିଲେ । ଜିଲାପ୍ରଶାସନ ଆଲୋଚନା କଲାବେଳେ ବିଜେଡି ଗୁଣ୍ଡାଙ୍କ ଆକ୍ରମଣ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଓ ନିୟମ କାନୁନ ଶାସକ ବିଜେଡି ହାତରେ ବନ୍ଧା ପଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

ଖୋଦ ମୁଖ୍ୟମନ୍ତ୍ରୀ ଦେଶର ସମ୍ବିଧାନ ମୁତାବକ ପଂଚାୟତିରାଜ ବ୍ୟବସ୍ଥାର ମୂଳୋତ୍ପାଟନ କରୁଛନ୍ତି । ସମ୍ବିଧାନରେ ପଲ୍ଲୀସଭା, ଗ୍ରାମସଭା, ଓାର୍ଡମେମ୍ବର, ପଂଚାୟତସମିତି ସଭ୍ୟ, ସରପଂଚ, ବ୍ଲକ ଚେୟାରମ୍ୟାନ, ଜିଲାପରିଷଦ ସଦସ୍ୟ, ଜିଲା ପରିଷଦ ଅଧ୍ୟକ୍ଷ ଏମାନଙ୍କ ସମସ୍ତଙ୍କ ଅଧିକାର ଛଡାଇ ନେଇ ନିଜେ ଦଳୀୟ ଆଧାରରେ ଶାସନ ବ୍ୟବସ୍ଥାକୁ ଚଳାଇବାକୁ ଚାହୁଁଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ଏପରି ସମ୍ବିଧାନ ବିରୋଧୀ ଓ ଦଳୀୟ ଆଧାରରେ ଶାସନ ବ୍ୟବସ୍ଥା ଚଳାଇବା ପ୍ରତିବାଦରେ ବିଜେପି ରାଜ୍ୟତମାମ ରାଜରାସ୍ତାକୁ ଯିବ । ଏହାସହ ସାମ୍ବିଧାନିକ ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ଉଲଂଘନ କରୁଥିବାରୁ ଏହା ବିରୋଧରେ ଦଳ ଆଇନ ଅଦାଲତର ଆଶ୍ରୟ ନେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

ଆସନ୍ତା କାଲି ରାଜ୍ୟ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ପୁରୀ ଗସ୍ତ କରି ଏ ସଂକ୍ରାନ୍ତରେ ପ୍ରଶାସନ ସହ ଆଲୋଚନା କରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଏହି ଅବସରରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି, ଅନ୍ୟତମ ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**